ପି. ଅଶୋକନ

ବନାମ

ଭାରତ ସଂଘ ଏବଂ ଅନ୍ୟଜଣେ

ଫେବୃଆରୀ 6,1998

[ଏମ୍. ଏମ୍. ପୁଞ୍ଛି, ପ୍ରଧାନ ବିଚାରପତି, ବି. ଏନ୍. କିରପାଲ ଏବଂ ଏମ୍. ଶ୍ରୀନିବାସନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 32-- ଚୂଡ଼ାନ୍ତରେ ପହଞ୍ଚିଥିବା ନିର୍ଣ୍ଣୟ-- ପୁନର୍ବିଚାର -- ନିର୍ଣ୍ଣୟ ହୋଇଛି, ଆଇନ ଅନୁଯାୟୀ ଏହାର ପ୍ରଭାବ ଆଧାରରେ ଦାବି କରାଯାଇପାରିବ ନାହିଁ-- ଗୁଣବତ୍ତା ଦୃଷ୍ଟିରୁ, ଅନୁଚ୍ଛେଦ 32 ଅନୁଯାୟୀ ହୋଇଥିବା ଆବେଦନକୁ ଗ୍ରହଣ କରିବପାଇଁ କୌଣସି ମାମଲା ନାହିଁ।*

*ଖୋଡେ ଡିଷ୍ଟିଲେରୀଜ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ ରେଜିଷ୍ଟ୍ରାର୍ ଜେନେରାଲ୍, ଭାରତର ସର୍ବୋଚ୍ଚ ନ୍ୟାୟାଳୟ,* **[1996] 3 ଏସସିସି ପୃଷ୍ଠା 114**।

ମୂଳ ଦେୱାନୀ କ୍ଷେତ୍ରାଧିକାର: ଆଜ୍ଞାଦେଶ ଆବେଦନ (ସି) ସଂଖ୍ୟା 1997 I ଡାଏରୀ ସଂଖ୍ୟା 20068/1997।

**(ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ)**

ମେସର୍ସ ମନୋଜ ସ୍ୱରୂପ ଆଣ୍ଡ କୋ. ପାଇଁ ମନୋଜ ସ୍ୱରୂପ, ସୁଶ୍ରୀ ଲଲିତା କୋହଲି ଏବଂ ସୁଶ୍ରୀ ଏମ. ସ୍ୱରୂପ ଆବେଦନକାରୀଙ୍କ ପାଇଁ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଗୁଣବତ୍ତା ଦୃଷ୍ଟିରୁ, ସମ୍ବିଧାନର ଧାରା 32 ଅନୁଯାୟୀ ଏହି ଆବେଦନକୁ ଗ୍ରହଣ କରିବା ପାଇଁ ଆମେ କୌଣସି ମାମଲା ପାଇନାହୁଁ । *ଖୋଡେ ଡିଷ୍ଟିଲେରୀଜ୍ ଲିମିଟେଡ୍ ଏବଂ ଅନ୍ୟଜଣେ ବନାମ ରେଜିଷ୍ଟ୍ରାର୍ ଜେନେରାଲ୍, ଭାରତର ସର୍ବୋଚ୍ଚ ନ୍ୟାୟାଳୟ* [1996] 3 ଏସସିସି, ମାମଲାରେ ନ୍ୟାୟମୂର୍ତ୍ତି ଜେ. ଏସ୍. ବର୍ମାଙ୍କ (ପୂର୍ବତନ ପ୍ରଧାନ ବିଚାରପତି) ଦ୍ୱାରା ଲିଖିତ ଏହି ନ୍ୟାୟାଳୟର ତିନି ଜଣିଆ ବିଚାରପୀଠଙ୍କ ନିର୍ଣ୍ଣୟ ମଧ୍ୟରେ ଥିବା ପୃଷ୍ଠା 114ରେ ନିମ୍ନମତେ ରାୟ ଦେଇଛି:

> "ବର୍ତ୍ତମାନ ଭଳି ଏକ ମାମଲାରେ, ଯେଉଁଠାରେ ଯୋଗ୍ୟତା ଉପରେ ନିର୍ଣ୍ଣୟ ଚୂଡ଼ାନ୍ତ ହେବା ପରେ ଏହାର ସଠିକତାକୁ ନେଇ ଆପତ୍ତି ରହିଛି, ସମ୍ବିଧାନର ଅନୁଚ୍ଛେଦ 32 ଅଧୀନରେ ଆଇନ ଅନୁଯାୟୀ ଏହାର ପ୍ରଭାବ ଆଧାରରେ ନିର୍ଣ୍ଣୟ ଉପରେ ପୁନର୍ବିଚାର ଦାବିକରିବାର କୌଣସି ପ୍ରଶ୍ନ ଉଠିପାରିବ ନାହିଁ । ଏପରି ପରିସ୍ଥିତିରେ *ଆଣ୍ଟୁଲେ* ମାମଲାର ନିଷ୍ପତ୍ତିକୁ ବାରମ୍ବାର ବ୍ୟବହାର କରିବା ସମ୍ପୂର୍ଣ୍ଣ ଭୁଲ୍ ଅଟେ ଏବଂ ଏହି କଥା ଉପରେ ଜୋର ଦେବା ପାଇଁ ଆମେ ବାଧ୍ୟ ହେଉଛୁ।"

ଏଭଳି ବିଚାର ସହ ଆମେ ସହମତ।

ଆଜ୍ଞାଦେଶ ଆବେଦନକୁ ଖାରଜ କରାଗଲା।

ଆର୍. ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।